ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ଆଇଆଇଟି ନବାଗତ ଛାତ୍ରଛାତ୍ରୀଙ୍କ କର୍ମଶାଳା




ଜଟଣୀ,୧୭।୧୧(ନି.ପ୍ର): ଆଇଆଇଟିରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ୧୭ ଓ ୧୮ ତାରିଖ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ପରିସରରୁ ଅନ୍‌ଲାଇନରେ କର୍ମଶାଳା ଆଜିଠାରୁ ଆରମ୍ଭ କରାଯାଇଥିଲା। ୬ଟି ପର୍ଯ୍ୟାୟରେ ଗତ ୧୦ରୁ ୧୨ ତାରିଖ ମଧ୍ୟରେ ନାମ ଲେଖାଇଥିବା ୪୭୫ ଜଣ ବି,ଟେକ୍ ଛାତ୍ର ଛାତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜା କୁମାର କର୍ମଶାଳାକୁ ଉଦ୍‌ଘାଟନ କରି ବୃତ୍ତିଗତ ଯାତ୍ରାରେ ଏହା ଆରମ୍ଭର ଆହ୍ୱାନ ବୋଲି କହିଥିଲେ। ବି.ଟେକ୍‌ର ୬ଟି ବିଭାଗରେ ଗତବର୍ଷ ୪୨୯ଟି ସିଟ୍ ଥିବା ବେଳେ ଚଳିତ ବର୍ଷ ୧୮ ଭାଗ ସିଟ୍ ବୃଦ୍ଧି ପାଇଥିବା ସେ ସୂଚନା ଦେଇଥିଲେ। କୋଭିଡ୍ ଯୋଗୁ ସଦ୍ୟ ନାମ ଲେଖାଇଥିବା ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ଗୃହକୁ ଆଣିବା ସମ୍ଭବ ନୁହେଁ। ପ୍ରଥମ ବର୍ଷର ଛାତ୍ର ଛାତ୍ରୀଙ୍କୁ ଅନ୍ ଲାଇନରେ ଶିକ୍ଷାଦାନ କରାଯିବ। ପରୀକ୍ଷା ମଧ୍ୟ ଅନ୍ ଲାଇନରେ କରାଯିବ। ପରିସ୍ଥିତି ଅନୁମତି ଦେବା ସହ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ଆଇଆଇଟି ପରିସରରେ ଶ୍ରେଣୀ ଗୃହରେ ଶିକ୍ଷା ଦାନ ଆରମ୍ଭ କରାଯିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଥିଲେ। ପ୍ରଫେସର ଭି.ଆର.ପିଡ଼ିରେଡ଼ି,ପ୍ରଫେସର ଡ଼.ପି.ଆର.ସାହୁ,ଡ଼.ଶାନ୍ତନୁ ପାଲ,ଡ଼.ଶଙ୍କର୍ଷଣ ମହାପାତ୍ର,ଡ଼.ଶ୍ରୀନିବାସ ଭାସ୍କର କରାଙ୍କି,ପ୍ରଫେସର ସୁଜିତ ରାୟ,ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

https://samajaepaper.in/imageview_15_18112020089797_4_73_18-11-2020_21_i_1_sf.html